● ଯୁବତୀଙ୍କୁ ଆଖିବୁଜା ହାଣିବା ଘଟଣା

## ପୁଲିସ ହାତ ଖାଲି, ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

**ପାତ୍ରପୁର, ୨୨।୩(ସମିସ):** ଜରଡା ଥାନା ଷୋଳଭାଗପେଣ୍ଠ ଗ୍ରାମରେ ଶନିବାର ଜଣେ ଯୁବତୀଙ୍କୁ ଆଖି ବୁଜା ହାଣିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ପୁଲିସର ହାତ ଖାଲି ରହିଛି। ଅପରପକ୍ଷେ ରବିବାର ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି।

ସୂଚନା ଥାଉ କି, ଶନିବାର ଷୋଳଭାଗପେଣ୍ଠ ଗ୍ରାମର କେ. କଇରାଙ୍କ ଝିଅ କେ. ସୁଇଟି ଘରେ ଏକା ଥିବାବେଳେ କେହି ଦୁର୍ବୃତ୍ତ ମୁଖା ପିନ୍ଧି ଘରେ ପଶି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଯୁବତୀଙ୍କ ପିଠି, ଗଳା, ହାତ ଓ ମୁହଁରେ ଗଭୀର ଆଘାତ ଲାଗିଛି। ସେ ଚିତ୍କାର କରିବାରୁ ପଡୋଶୀ ଆସିବାର ଦେଖି ଦୁର୍ବୃତ୍ତ ଚାଲି ଯାଇଥିଲା। ଯୁବତୀ ଜଣକ ବର୍ତ୍ତମାନ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ପକ୍ଷରୁ ନଂ.୧୦୧/୨୬ ମାମଲା ରୁଜୁ କରାଯାଇ ତନଘନା ଜାରି ରହିଥିବାବେଳେ କିଛି ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡ଼ିଛି ପୁଲିସ। ସେହିଭଳି ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି ପୁଲିସ।

ଘଟଣା ସମ୍ପର୍କରେ ଜରଡା ଥାନା ଭାରପ୍ରାପ୍ତ ଅଧିକାରୀ ମୀନାକ୍ଷୀ ଦଳବେହେରାଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଥିଲେ। ସୁଇଟିଙ୍କ ବିବାହ ପାଇଁ ଦୁଇ ଦିନ ପୂର୍ବେ ନିଷ୍ପତ୍ତି ହୋଇଥିବା ବେଳେ କିଛିଦିନ ପରେ ନିର୍ବନ୍ଧ ହୋଇଥାନ୍ତା।

ଆଜି ବିଶ୍ୱ ଜଳ ଦିବସ

# ବରଡ଼ାବିଲିରେ ଜଳ ସଂକଟ; ଶୁଣୁନି ପ୍ରଶାସନ

**ଧରାକୋଟ, ୨୨।୩(ସମିସ)**

ସାରା ରାଜ୍ୟ ଆଜି ପାଳୁଛି ବିଶ୍ୱ ଜଳ ଦିବସ। ସବୁଠି ଜଳର ସଂରକ୍ଷଣ, ସଦୁପଯୋଗ ଓ ସଚେତନତା ସୃଷ୍ଟି ପାଇଁ ସରକାରୀସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ଏହାଛଡ଼ା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାରୀସ୍ତରରେ ଯେଉଁ ଯୋଜନା ପ୍ରଣୟନ ହେଉଛି ତାହାର ଏକ ବିକଳ ଚିତ୍ର ସାମନାକୁ ଆସିଛି।

ଧରାକୋଟ ବ୍ଲକ ବରଡ଼ାବିଲିର ନୂଆସାହି ଓ ହରିଜନସାହିରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଆସିକା-ସୋରଡ଼ା ମୁଖ୍ୟରାସ୍ତା ଜାତୀୟ ରାଜପଥ ନଂ.୫୯ର ରାସ୍ତା ପାର୍ଶ୍ୱରେ ଥିବା ନୂଆସାହି ଓ ହରିଜନସାହିରେ ଦୀର୍ଘ ୪ ମାସ ତଳୁ ପିଇବା ପାଣି ସମସ୍ୟା ଲାଗି ରହିଛି। ଗ୍ରାମଠାରୁ ମାତ୍ର ଶହେ ମିଟର ଦୂରରେ ଋଷିକୂଲ୍ୟା ନଦୀ ପ୍ରବାହିତ ହୋଇଥିଲେ ମଧ୍ୟ ଏହି ଦୁଇ ସାହିରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ପିଇବା ପାଣି ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସକାଶେ ଆବଶ୍ୟକ ପାଣି ମିଳୁନାହିଁ। ବସୁଧା ପାଣିଟାଙ୍କିରୁ ପାଣି ଲିକ୍ ହେଉଥିବା ଯୋଗୁଁ ଲୋକଙ୍କୁ ଜଳ ମଧ୍ୟ ମିଳୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ନିତିଦିନିଆ ବ୍ୟବହାର ପାଇଁ ଋଷିକୁଲ୍ୟା ନଦୀରୁ ଜଳ ଆଣିବାକୁ ମାଠିଆ ଧରି ପ୍ରତ୍ୟେକ ଦିନ ମହିଳାମାନେ ଯାଇଥାନ୍ତି।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ସାହୁଙ୍କ ନିଜ ଗ୍ରାମ ହେଉଛି ବରଡ଼ାବିଲି। ଗତ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ବେଳେ ସେ ନିଜେ ଲୋକଙ୍କୁ ନେଇ ଶିବିରରେ ଗାଁର ପିଇବା ପାଣି ସମସ୍ୟା ସମାଧାନ ପାଇଁ ଅଭିଯୋଗ କରିଥିଲେ। ହେଲେ ୩ ମାସ ବିତିଥିଲେ ମଧ୍ୟ ଫଳାଫଳ ଶୂନ। ଏଣୁ ଲୋକଙ୍କ କହିବା କଥା ହେଲା ଅଭିଯୋଗ ଶୁଣାଣି କେବଳ ଏକ ପ୍ରହସନ। ରାଜ୍ୟ ସରକାର ପକ୍ଷରୁ ସବୁ ଗ୍ରାମରେ ପାନୀୟ ଜଳ ପାଇଁ ମେଗା ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏଭଳି ପରିସ୍ଥିତିରେ ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରରେ ଆଗକୁ ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି କେବେ ଏହାର ସମାଧାନ ହେବ ଓ ଲୋକେ ପାନୀୟ ଜଳ ପାଇବେ। ନୂଆସାହିର ୮୦ ପରିବାର ଓ ହରିଜନ ସାହିର ୧୫ ପରିବାର ଜଳକଷ୍ଟ ଭୋଗୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ସମସ୍ୟା ଦିନକୁ ଦିନ ବଢ଼ୁଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଇ. ଚିନ୍ମୟୀ ରାଉତଙ୍କ ସହ ଯୋଗାଯୋଗ ବେଳେ ମେଗା ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ଶୀଘ୍ର କରାଯିବ ବୋଲି ପ୍ରକାଶ କରିଛନ୍ତି। ପିଇବା ପାଣି ସମସ୍ୟାକୁ ସରକାର ଗୁରୁତର ସହ ନେଉଥିବା ବେଳେ ଖୋଦ୍ ନିର୍ବାଚିତ ଜନପ୍ରତିନିଧିଙ୍କ ଅଭିଯୋଗ ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରାନଯିବା ଦୁର୍ଭାଗ୍ୟର ବିଷୟ ହୋଇଛି, ଯାହାକି ବିଶ୍ୱ ଜଳ ଦିବସ ପାଇଁ ସ୍ପଷ୍ଟ ଉପହାସ ଭଳି ମନେହେଉଛି।

## ଚୁକ୍ତିଭିତ୍ତିକ କର୍ମଚାରୀ ସଂଘର ଶୁଭାରମ୍ଭ ସମାରୋହ

**ଛତ୍ରପୁର, ୨୨।୩(ସମିସ):** ଛତ୍ରପୁର ଉପକଣ୍ଠ ମାଟିଖାଲ ଠାରେ ଥିବା ଭାରତୀୟ ବିରଳ ମୃତ୍ତିକା କମ୍ପାନି (ଆଇଆରଇଏଲ୍) ରେ ଯେପରି ସ୍ଥାୟୀ କର୍ମଚାରୀମାନଙ୍କୁ କମ୍ପାନି ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ସେହିଭଳି କମ୍ପାନିରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ମଧ୍ୟ ସମାନ ସୁବିଧା ସୁଯୋଗ ଉପଲବ୍ଧ କରାଯିବା ପରିପ୍ରେକ୍ଷୀରେ ଭାରତୀୟ ବିରଳ ମୃତ୍ତିକା ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ସର୍ବଦା କାର୍ଯ୍ୟ କରିବ ବୋଲି ଆଜି ଛତ୍ରପୁର ନିକଟ ମା'ଉଜ୍ଜଳେଶ୍ୱରୀ ମନ୍ଦିର ଠାରେ ସଂଘର ଶୁଭାରମ୍ଭ ସମାରୋହ ଏବଂ ସାଧାରଣ ବୈଠକରେ ସମସ୍ତ କର୍ମକର୍ତ୍ତା ଏବଂ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଭାରତୀୟ ବିରଳ ମୃତ୍ତିକା କର୍ମଚାରୀ ସଂଘକୁ ସ୍ୱୀକୃତି ମିଳିବା ପରେ




ଆଜି ଏହାର ଶୁଭାରମ୍ଭ ହୋଇଛି। ଏହା ସହିତ ସଂଘର ଏକ ସାଧାରଣ ବୈଠକ ସଭାପତି ପି. ଧର୍ମା ରେଡ୍ଡୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଂଘ ଶ୍ରମିକମାନଙ୍କର ସଂଗଠିତ ଶକ୍ତିକୁ ସୁଦୃଢ଼ କରିବାରେ ନିଶ୍ଚିତ ଭାବେ ସହାୟକ ହେବା ସହ ଶ୍ରମିକ ମାନଙ୍କ ଅଧିକାର ସୁରକ୍ଷା, ସାମାଜିକ ସୁରକ୍ଷାର ସୁଦୃଢ଼ୀକରଣ ଓ ସେମାନଙ୍କର ନ୍ୟାୟସଂଗତ ଦାବି ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ସାହୁ, କର୍ମଚାରୀ ସଂଘର ଉପଦେଷ୍ଟା ତଥା ଆଇନଜୀବୀ ଦୀପକ କୁମାର ପଟ୍ଟନାୟକ ଓ ବ୍ରଜମୋହନ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ରହିଥିଲେ। ସେହିପରି ଭାରତୀୟ ବିରଳ ମୃତ୍ତିକା ଚୁକ୍ତିଭିତ୍ତିକ କର୍ମଚାରୀ ସଂଘର ସମ୍ପାଦକ ସୁଧାକର ମହାରଣା, ଉପସଭାପତି ମନୋରଞ୍ଜନ ବେହେରା, ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପ୍ରଧାନ, ଯୁଗ୍ମ ସମ୍ପାଦକ ଅଯୋଧ୍ୟା ପରିଡ଼ା ଓ କୋଷାଧ୍ୟକ୍ଷ ପି.ସିମାଦ୍ରୀ ପ୍ରମୁଖ ସଂଘର ଉଦ୍ଦେଶ୍ୟ ନେଇ ବକ୍ତବ୍ୟ ରଖିଥିଲେ। ବୈଠକରେ ଯୋଗଦେଇଥିବା ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ପ୍ରଶାନ୍ତ କର, ଏସ୍.ଚକ୍ରପାଣି ରେଡ୍ଡୀ, ନାରୀନେତ୍ରୀ ନିଳାଦ୍ରୀ ପ୍ରଧାନ, କଣମଣା ପଞ୍ଚାୟତ ନାଏବ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ବି.ସିମାଦ୍ରୀ, ପ୍ରଫୁଲ୍ଲ ପଣ୍ଡା, ମନୋଜ କୁମାର ବେହେରା, ବାଦଲ କୁମାର ବେହେରାଙ୍କ ସମେତ ସଂଘର ବହୁ ସଦସ୍ୟ ଯୋଗଦେଇଥିଲେ।

## ଦୁଇ ରାସ୍ତାର ଶିଳାନ୍ୟାସ କଲେ ମନ୍ତ୍ରୀ

**ପୋଲସରା, ୨୨।୩(ସମିସ):** ପୋଲସରା ବ୍ଲକର ଦୁଇଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ଉଭୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୋଲସରା ବ୍ଲକର ଜେ. ଡ଼େଙ୍ଗାପଦର ଠାରୁ ମଥୁରା ପୂର୍ତ୍ତ ବିଭାଗ ସଡ଼କ ନିର୍ମାଣ ନିମନ୍ତେ ଅଟକଳ ମୂଲ୍ୟ ୩କୋଟି ୫୫ ଲକ୍ଷ ଟଙ୍କା ରହିଛି। ସେହିପରି ଷୋହଳମାଇଲି ଠାରୁ କଣଛାଇ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକାରଣ ପାଇଁ ଅଟକଳ ମୂଲ୍ୟ ୨କୋଟି ୨୪ଲକ୍ଷ ଟଙ୍କା ରହିଛି। ପୋଲସରା ନିର୍ବାଚନମଣ୍ଡଳୀର ବିକାଶ ଏବଂ ନୂତନ ପ୍ରକଳ୍ପ ପାଇଁ ୧୨ଟି ବିଭାଗ ପାଇଁ ପ୍ରାୟ ୧୪୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜର ଡିପିଆର ଚୂଡାନ୍ତ ପ୍ରସ୍ତୁତି ପରେ ମୁଖ୍ୟମନ୍ତ୍ରୀ ଅନୁମୋଦନ



ଦେଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ପାତ୍ର, ଠିକାଦାର ଧରଣୀଧର ପଣ୍ଡା, ସରପଞ୍ଚ ପୀତାମ୍ବର ବେହେରା, ସମାଜସେବୀ ପ୍ରଭାକର ପଣ୍ଡା, କୃଷ୍ଣଚନ୍ଦ୍ର ଜେନା, କାର୍ତ୍ତିକ ମଙ୍ଗଳ, ମୋତିରାମ ସାହୁ, ପୀତବାସ ପ୍ରଧାନ, ପୃଥିବିରାଜ ଭଞ୍ଜଦେଓ, ରାଜେନ୍ଦ୍ର ପାତ୍ର, କପିଳ ଦାଶ, ମନୋଜ କୁମାର ଖଟୁଆ, ସନ୍ତୋଷ ବାରିକଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶିରିଡ଼ି ସାଇଙ୍କ ରୁପାପାଦ ଲୁଟିନେଲେ

**ଛତ୍ରପୁର, ୨୨।୩(ସମିସ):** ଗଞ୍ଜାମ ଜିଲ୍ଲା ଚମଖଣ୍ଡି ଥାନା ଅଧୀନ ମାଣ୍ଡିଆପଲ୍ଲୀରେ ଥିବା ଶିରିଡ଼ି ସାଇ ବାବା ମନ୍ଦିରରୁ ରୁପା ପାଦ ଚୋରି ହୋଇଥିବା ନେଇ ଚମାଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିର କବାଟ ଭାଙ୍ଗି ସାଇ ବାବାଙ୍କ ଆରତୀ ସମେତ ରୁପା ପାଦୁକା ଭଳି ବିଭିନ୍ନ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ଚୋରି ହୋଇଥିବା ନେଇ ସକାଳେ ଜଣାପଡ଼ିବା ପରେ ମନ୍ଦିର କମିଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ନଂ.୧୦୨/୨୬ ମାମଲା ରୁଜୁ କରିଛି। ଛତ୍ରପୁର ଏସଡିପିଓ ଚନ୍ଦନ ଘଡାଇ ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଚୋରି ବେଳେ ମନ୍ଦିରରେ ଲାଗିଥିବା ସିସିଟିଭିରେ ଚୋରି ବେଳର ଦୃଶ୍ୟ କଏଦ ହୋଇଛି। ଦୁଇ ଜଣ ବ୍ୟକ୍ତି ମୁହଁରେ ମାସ୍କ ଲଗାଇ ଏହି ଘଟଣା ଘଟେଇଥିବା ଜଣାପଡ଼ିଛି।

## ଗାନ୍ଧୀନଗର-ବେଲଗୁଣ୍ଠା ରାସ୍ତାର ଭିତ୍ତି ସ୍ଥାପନ

**ବୁଗୁଡ଼ା, ୨୨।୩(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗାନ୍ଧୀନଗର ଠାରୁ ବେଲଗୁଣ୍ଠା ବ୍ଲକ ସୀମାନ୍ତ ରାସ୍ତାର ଉନ୍ନତିକରଣ ସକାଶେ ୭୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରବିବାର ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହିତ ଗ୍ରାମର ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ମନ୍ତ୍ରୀ ଶ୍ରୀ ମଲ୍ଲିକ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ପାତ୍ର, ଠିକାଦାର ଗୋପାଳକୃଷ୍ଣ ପଣ୍ଡା, ହରିକୃଷ୍ଣ ସାହୁ, କେଦାରନାଥ ମହାରଣା, କାର୍ତ୍ତିକ ମଙ୍ଗାଳ, ଗୌରହରି ପ୍ରଧାନ, ନଟବର ଜେନା, ସନ୍ତୋଷ ଭୋଳ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ରମେଶ ଜେନାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି

**ଛତ୍ରପୁର, ୨୨।୩(ସମିସ):** କଂଗ୍ରେସରୁ ନିଲମ୍ବିତ ହୋଇଥିବା ଗଞ୍ଜାମ ଜିଲ୍ଲାର ଏକମାତ୍ର କଂଗ୍ରେସ ବିଧାୟକ ରମେଶ ଜେନାଙ୍କୁ ସପକ୍ଷରେ ବାହାରିଛନ୍ତି ଛତ୍ରପୁରର କଂଗ୍ରେସ ନେତା। ଏନେଇ ଛତ୍ରପୁର ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ କଂଗ୍ରେସ ନେତା ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କୁ ନିଲମ୍ବିତ କରିଥିବାବେଳେ ଏହାକୁ



ଉଠାଇବାକୁ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ କାଳୁ ଚରଣ ତ୍ରିପାଠୀ, ବଳିଆ ବେହେରା, ଜିତୁ ରାଉଳ, ହାଡୁ ରେଡି, ବିଭୂତି ଭୂଷଣ ବେହେରା, ଏସ୍. ବାବୁ ରେଡି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ରାଜ୍ୟସଭା ନିର୍ବାଚନ ବେଳେ ଦଳ ବିରୋଧରେ ଯାଇ କ୍ରାସ୍ ଭୋଟିଂ କଂଗ୍ରେସର ତିନି ବିଧାୟକ ନିଲମ୍ବିତ ହୋଇଥିଲେ। ସେଥିମଧ୍ୟରୁ ରମେଶ ଜେନା ଅନ୍ୟତମ।

## ଚେରମାରିଆ ଓ କେନ୍ଦୁପଦର ନଦୀରେ ଲାଗିଲା ୧୬୩ ଧାରା

**ଆସିକା, ୨୨।୩(ସମିସ):** ଆସିକା ରାଜସ୍ୱ ବିଭାଗ ଅଧୀନସ୍ଥ କୋଟିନଡ଼ା ଏବଂ ଆସିକା ଥାନା ଇଲାକାର ଋଷିକୂଲ୍ୟା ନଦୀର ଦୁଇଟି ମୌଜାରେ ଲାଗିଲା ୧୪୪ ଧାରା (ଭାରତୀୟ ନ୍ୟାୟ ସଂହିତା ୧୬୩)। ଆସିକା ତହସିଲରେ ଥିବା ରୁଷିକୁଲ୍ୟା ଓ ବଡ଼ନଦୀ ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଯୋଗୁଁ ବାରମ୍ବାର ଏନେଇ ଗ୍ରାମବାସୀ ପକ୍ଷରୁ ବିରୋଧ ହୋଇଆସୁଥିଲା।

ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ଏହାକୁ ଆଖି ଆଗରେ ରଖି ଗାଁ ଗାଁରେ ଯେପରି ବିରୋଧ ଦେଖାନଦେବ ସେନେଇ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ତାଙ୍କର ଆଦେଶ ନମ୍ବର-୨୫୬୦ ଏବଂ ୨୫୬୩ ତାରିଖ ୨୧/୦୩/୨୬ ପ୍ରକାରରେ କେନ୍ଦୁପଦର ମୌଜାର ଖାତା ନମ୍ବର ୬୧୧ ପ୍ଲଟ ନମ୍ବର ୧୨୮୮ର ୨୨ ଏକର, ପ୍ଲଟ ନମ୍ବର ୧୨୮୯ ର ପ୍ରାୟ ୧୦ ଏକର, ପ୍ଲଟ ନମ୍ବର ୨୪୯୨ ର ପ୍ରାୟ ୨୦ ଏକର ସମେତ ଚେରମାରିଆ ମୌଜାର ଖାତା ନମ୍ବର ୩୦୩ ପ୍ଲଟ ନମ୍ବର ୧୩୯୨ର ୧୨ ଏକର ଇଲାକାରେ ୧୪୪ ଧାରା (ଭାରତୀୟ ନ୍ୟାୟ ସଂହିତା ୧୬୩) ପାଇଁ ଦୁଇ ଥାନାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ସ୍ଥାନ ମାନଙ୍କରେ ବେଆଇନ ବାଲି ଉତ୍ତୋଳନ ନହେବା ସକାଶେ ଏହି ଧାରା ବଳବତ୍ତର ରହିବ ବୋଲି କୁହାଯାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଦିଗପହଣ୍ଡି, ୨୨।୩(ସମିସ):** ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ ଓଡାସିଙ୍ଗି ଗ୍ରାମ ଠାକୁରାଣୀ ମନ୍ଦିର ସମ୍ମୁଖ ରାସ୍ତାରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଆହତ ଜଣକ ହେଲେ ହିଞ୍ଜିଳି ଥାନା ମକରଝୋଲ ଗ୍ରାମର ଲକ୍ଷ୍ମଣ ସେଠୀ ଓ ଆହତ ଜଣକ ସାରୁ ଗ୍ରାମର ଅଜୟ ସେଠୀ ବୋଲି ଜଣାପଡ଼ିଛି। ରବିବାର ଅପରାହ୍ନରେ ଦୁହେଁ ଚିକିଟି ବ୍ଲକ ଡଭାର ଗ୍ରାମ ରେ କାମସାରି ବାଇକ ଯୋଗେ ମକରଝୋଳ ଅଭିମୁଖେ ଯାଉଥିବା ବେଳେ ଦିଗପହଣ୍ଡିରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଟ୍ରକ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଦୁହିଁଙ୍କୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

● ବେପରୁଆ ଗାଡ଼ି ଚାଳନା

## ଚକା ଫାଟି ଘର କାଚ ଭାଙ୍ଗିଲା

**ଗଞ୍ଜାମ, ୨୨।୩(ସମିସ):** ଗଞ୍ଜାମ ସହର ସ୍ଥିତ ଗ୍ରାସୀମ କମ୍ପାନୀକୁ ବିଭିନ୍ନ କାମରେ ଦୈନନ୍ଦିନ ଶହ ଶହ ଟ୍ରକ୍, ଟ୍ରାକ୍ଟର ଓ ୧୦ ଚକିଆ ଭାରୀଯାନ ଯାତାୟାତ କରୁଛି। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରବିବାର ଏକ ଟ୍ରକର ଚକା ଫାଟିଯିବା ପରେ ମଧ୍ୟ ଦ୍ରୁତ ଗତିରେ ଯିବା ଫଳରେ ରାସ୍ତାରେ ପଡ଼ିଥିବା ଏକ ପଥର ଚକା ସାଇଡ୍‌ରୁ ଯାଇ ଘର କାଚରେ ବାଜି କାଚ ଭାଙ୍ଗି ଯାଇଛି। ବାରମ୍ବାର ଏପରି ଗାଡ଼ିରୁ ପଥର ମାଡହୋଇ କ୍ଷୟକ୍ଷତି ଘଟୁଥିବାବେଳେ ଦ୍ରୁତ ଗତିରେ ଗାଡ଼ି ଚାଳନା ନକରିବାକୁ ଘରମାଲିକ ଗଙ୍ଗା ରାଉଳ କମ୍ପାନୀ କର୍ତ୍ତୃପକ୍ଷ ଓ ଡ୍ରାଇଭରଙ୍କୁ ବାରମ୍ବାର ତାଗିଦ ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗଣମାଧ୍ୟମକୁ କହିଛନ୍ତି। ପ୍ରକାଶ ଯୋଗ୍ୟ ସେହି ଗୋଟିଏ ରାସ୍ତାରେ ହିଁ ତହସିଲ ଅଫିସ, ସବରେଜିଷ୍ଟର ଅଫିସ, ଜୟଶ୍ରୀ ସ୍କୁଲ, ପ୍ରସିଦ୍ଧ ଖଣ୍ଡେଶ୍ୱର ମନ୍ଦିର ଓ ଐତିହାସିକ ପୋତାଗଡ଼ ଯିବା ମୁଖ୍ୟ ରାସ୍ତା। ସକାଳ ହେବା ମାତ୍ରେ ଶହ ଶହ ଲୋକ, ଛାତ୍ରୀଛାତ୍ର ଉକ୍ତ ରାସ୍ତାରେ ଯିବା ଆସିବା କରୁଛନ୍ତି। ଏଥିସହ ଉକ୍ତ ରାସ୍ତା ପାର୍ଶ୍ୱରେ ବହୁ ପରିବାର ଦୀର୍ଘବର୍ଷ ହେବ ବସତି ସ୍ଥାପନ କରି ଆସୁଛନ୍ତି। ଏଭଳି ଦ୍ରୁତ ଗାଡି ଚାଳନା ବଡ଼ ଦୁର୍ଘଟଣା ସମ୍ଭାବନାକୁ ଏଡାଇ ଦେଇନପାରେ। ରବିବାର ସ୍କୁଲ ଛୁଟି ଯୋଗୁଁ ନିଶ୍ଚିତ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦିଗପହଣ୍ଡିରେ ନବବଧୂଙ୍କ ଆତ୍ମହତ୍ୟା

**ଦିଗପହଣ୍ଡି, ୨୨।୩(ସମିସ):** ଦିଗପହଣ୍ଡି ଷ୍ଟେଟବ୍ୟାଙ୍କ ସମ୍ମୁଖ ରାମଚନ୍ଦ୍ର ନଗରରେ ରହୁଥିବା ଚନ୍ଦ୍ରମା ଗୌଡ଼ (୨୮) ନାମକ ଜଣେ ନବବଧୂ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଦିଗପହଣ୍ଡି ପୁଲିସ ଘର ଭିତରୁ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିଛି। ଚନ୍ଦ୍ରମା ଗତ କିଛିଦିନ ପୂର୍ବେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରେ ରେଡିମେଡ଼ ଡ୍ରେସ ବ୍ୟବସାୟ କରୁଥିବା ଯୋଗୀ ସାହୁଙ୍କ ପୁଅ ବୁଲୁ ସାହୁଙ୍କୁ ବିବାହ କରିଥିଲେ। ପାରିବାରିକ ଅଶାନ୍ତିରୁ ମାନସିକ ଭାରସାମ୍ୟ ହରାଇ ନବବଧୂ ଜଣକ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ଦିଗପହଣ୍ଡି ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

ଠାକୁରାଣୀ ଯାତ୍ରାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ଲୋକ କଳା ଓ ଲୋକ ନୃତ୍ୟ ମୁଖ୍ୟ ଆକର୍ଷଣ

**ଭଞ୍ଜନଗର, ୨୨।୩(ସମିସ)**

ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା - ୨୦୨୬ ଆସନ୍ତା ଏପ୍ରିଲ ୨୬ ତାରିଖରୁ ଆରମ୍ଭ ହୋଇ ମେ' ୨୦ରେ ଉଦଯାପିତ ହେବ। ଏଥିପାଇଁ ଚଳିତ ମାସ ୧୧ରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଏହି ତ୍ରୟବାର୍ଷିକ ଠାକୁରାଣୀ ଯାତ୍ରାକୁ ଚଳିତ ବର୍ଷ ଆକର୍ଷଣୀୟ କରିବାକୁ ରବିବାର ଯାତ୍ରା କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବରୁ ଥିବା ଠାକୁରାଣୀ ଯାତ୍ରା ପରିଚାଳନା କମିଟିକୁ ପରିବର୍ଦ୍ଧିତ କରାଯାଇ ଅନେକ ନୂତନ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ଥିବା ୧୫ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ବିଭିନ୍ନ ସବ୍‌କମିଟିରେ ବହୁ ଯୁବକଙ୍କୁ ସାମିଲ କରାଯାଇଛି। ଚଳିତବର୍ଷ ଯାତ୍ରାରେ




ଆତସବାଜୀ ସହ ଲୋକକଳା ଓ ଲୋକନୃତ୍ୟ ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ନୂତନ କାର୍ଯ୍ୟକାରିଣୀରେ ବିଷ୍ଣୁ ପ୍ରସାଦ ପ୍ରଧାନ କାର୍ଯ୍ୟକାରୀ ସଭାପତି, ଉପସଭାପତି ପ୍ୟାନେଲରେ ସନ୍ତୋଷ କୁମାର ତିଆଡି, ଧୀରେଶ କୁମାର ମହାନ୍ତି, ସଂଗଠନ ସମ୍ପାଦକ ପ୍ୟାନେଲରେ ପ୍ରମୋଦ କୁମାର ଦଳବେହେରା, ସହ ସମ୍ପାଦକ ପ୍ୟାନେଲରେ ସୁବାସ ଚନ୍ଦ୍ର ବରାଡ ଓ ରାମ ପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷଙ୍କୁ ସହାୟତା ପାଇଁ ୩ ଜଣ ସହଯୋଗୀ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ସଭାପତି ରାଜେନ୍ଦ୍ର ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଞ୍ଜନଗର ବିଧାୟକ ତଥା ଯାତ୍ରା କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟ ସଂଗଠନ ସମ୍ପାଦକ ତଥା ନଗରପାଳ ଗୋପବନ୍ଧୁ ମହାପାତ୍ର ପ୍ରମୁଖଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ। ଏହି ଅବସରରେ ବିଧାୟକ ନାୟକ ଚଳିତ ବର୍ଷର ଯାତ୍ରାକୁ ଅଧିକ ବ୍ୟବସ୍ଥିତ ଓ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଛନ୍ତି। ଯାତ୍ରାର ଅବଧି ୨୫ ଦିନର ରହିବ। ପ୍ରଥମ ଦିନ ମା'ଙ୍କ ଆଗମନୀ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଂସ୍କୃତିକ ଦଳ ଏଥିରେ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭରେ ସମ୍ପାଦକ ସୁଧୀର ରଞ୍ଜନ ବେହେରା ବୈଠକର ଆଭିମୁଖ୍ୟ ସ୍ପଷ୍ଟ କରିଥିବା ବେଳେ ଶେଷରେ ସଂଗଠନ ସମ୍ପାଦକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଣ୍ଡଯାତ୍ରା ପାଇଁ ଆଖଡ଼ାଶାଳ ଚଳଚଞ୍ଚଳ



**ଛତ୍ରପୁର, ୨୨।୩(ସମିସ):** ଗଞ୍ଜାମ ଜିଲ୍ଲାରେ ପ୍ରସିଦ୍ଧ ଦଣ୍ଡ ଯାତ୍ରା। ଏହା ଯଥା କ୍ରମେ ୨୧, ୧୮ ଓ ୧୩ ଦିନିଆ ଦଣ୍ଡ ପାଳନ କରନ୍ତି। ୨୧ଦିନିଆ ଯାତ୍ରା ନିମନ୍ତେ ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କମାପଲ୍ଲୀ ଗ୍ରାମରେ ମା' ଶ୍ୟାମାକାଳୀ ନାଟ୍ୟ ସଂସଦ ସହଯୋଗରେ ଦଣ୍ଡଯାତ୍ରା ନାଟକ ବହି ପୂଜା ସହ ନାଟକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଲେଖକ ଅରୁଣ ବାରିକ ସାମାଜିକ ନାଟକ 'ଇଶ୍ୱର ଆଲ୍‌ହା ତେରୋ ନାମ୍'ର ବହି ପୂଜା ସାଙ୍ଗକୁ ଅଭ୍ୟାସ କରାଯାଇଥିଲା। ନିର୍ଦ୍ଦେଶକ ଡ଼ ଗୌରୀ ଶଙ୍କର ଶତପଥୀ ଅଧିକାରୀ ଶଶୀଧର ପଣ୍ଡା ଏବଂ ପରିଚାଳକ ବି. ସୋମେୟା ପାତ୍ରଙ୍କ ଦ୍ୱାରା ଏହି ନାଟକ ପରିବେଷିତ ହେବ। ଚଳିତ ମାସ ୨୫ରେ ଗ୍ରାମରେ ୨୧ ଦିନିଆ ଦଣ୍ଡ ଯାତ୍ରା ବାହାରିବ। ଏହି ନାଟକ ଗଞ୍ଜାମ ଜିଲ୍ଲାର ବଛା ବଛା କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରିବ। ଏହି ନାଟକ ଅଭିନୟରେ ସୁକୁରୁ ପଣ୍ଡା, ସୁବାସ ନାୟକ, ସନ୍ତୋଷ, ଦିଲୀପ, ଚିନୁ, ସୁରେଶ ସେଠି, ଅବିନାଶ, ନିରାକାର, ଚାନ୍ଦୁ, ସୁରେଶ, ମନୁ, ଝୁମୁରି, କଣ୍ହେଇ, ରୀନା, ବେବିନା ଆଦି କଳାକାରଙ୍କୁ ନେଇ ପ୍ରସ୍ତୁତି ଚାଲିଛି।

# ୧୬ କିମି ଚାଲି ଚାଲି ଯାଇ ପଢ଼ାଉଛନ୍ତି ଦିବ୍ୟାଙ୍ଗ ଶିକ୍ଷକ

**ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ଅକ୍ଷମତା**

ଫିରିଙ୍ଗିଆ, ୨୨।୩(ସମିସ)

ମଣିଷର ଦୃଢ଼ ମନୋବଳ ହିଁ ତାକୁ ଶୀର୍ଷରେ ପହଞ୍ଚାଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ପଞ୍ଚାୟତ ବନ୍ଧୁଲି ଗାଁର ଦିବ୍ୟାଙ୍ଗ ଶିକ୍ଷକ ନାସରା କହଁର। ସେ ତାଙ୍କ ବାପା ମା'ଙ୍କ ସାନ ପୁଅ ହୋଇଥିବାବେଳେ ୫ ବର୍ଷରେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଦୁଇଟି ଆଖି ହରାଇଥିଲେ। ପାଠ ପଢ଼ିବାରେ ଇଚ୍ଛା ଥାଇ ବି ଅର୍ଥ ଅଭାବରୁ ଅଧାରୁ ଛାଡ଼ିଥିଲେ। ପରେ ବାଲିଗୁଡାରେ ଥିବା ଏକ ଭିନ୍ନକ୍ଷମ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇଦେଇଥିଲେ ପରିବାର ଲୋକେ। ସେହି ଆଶ୍ରମରେ ୧୦ ଶ୍ରେଣୀ ଯାଏ ପଢ଼ିବା ପରେ ଫିରିଙ୍ଗିଆ ପଞ୍ଚାୟତ ବିଦ୍ୟାଳୟରୁ ଯୁକ୍ତ ଦୁଇ ପାସ୍ କରିଥିଲେ। ନିଜର ଅଧ୍ୟବସାୟ ବଳରେ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ। ଶିକ୍ଷକତା କରିବା ମଧ୍ୟରେ ସେ ପରବର୍ତ୍ତି ସମୟରେ ସିଟି ପରୀକ୍ଷାରେ ମଧ୍ୟ ଭଲ ନମ୍ବର ରଖି ପାସ୍ କରିଥିଲେ। କିଛିବର୍ଷ ପରେ ସେ ଓଟିଇଟି ପରୀକ୍ଷାରେ ମଧ୍ୟ ପାସ୍ ହୋଇ ବର୍ତ୍ତମାନ ସ୍ଥାୟୀ ସରକାରୀ ଶିକ୍ଷକ। ବର୍ତ୍ତମାନ ସେ ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ପଞ୍ଚାୟତ କଡ଼ିପାରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ। ଏଠାରେ ଚାକିରି ଆରମ୍ଭରୁ ୧୨ ବର୍ଷ ହେଲା ଶିକ୍ଷକତା କରିଆସୁଛନ୍ତି। ତାଙ୍କ ଗାଁ ଠାରୁ





ବିଦ୍ୟାଳୟର ଦୂରତା ପ୍ରାୟ ୮ କିଲୋମିଟର। ତଥାପି କୌଣସି ବାଧାବିଘ୍ନକୁ ଖାତିର ନକରି ହାତରେ ଏକ ବାଡ଼ି ଧରି ୧୨ ବର୍ଷ ହେଲା ନିତିଦିନ ପ୍ରାୟ ୧୬ କିମି ବଣପାହାଡ଼ ରାସ୍ତାରେ ଯାଇ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟ ମୋ ପାଇଁ ମନ୍ଦିର ଓ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ମୋ ପାଇଁ ଭଗବାନ ବୋଲି ସେ କୁହନ୍ତି। ବଡ଼ କଥା ହେଲା ୧୨ ବର୍ଷ ହେଲା ସେ ନିରବଚ୍ଛିନ୍ନ ଭାବରେ ବିଦ୍ୟାଳୟକୁ ଠିକ୍ ସମୟରେ ଆସି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଆସୁଛନ୍ତି। କେତେବେଳେ କେମିତି ନିହାତି ଅସୁବିଧା ହେଲେ ଛୁଟି ନିଅନ୍ତି। କିନ୍ତୁ ବିଦ୍ୟାଳୟକୁ ଆସିବାରେ କେବେ ଅବହେଳା କରିନଥିବା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହ ତାଙ୍କ ସହକର୍ମୀ ଓ ଗ୍ରାମବାସୀ କହିଛନ୍ତି। ଜଣେ ଭିନ୍ନକ୍ଷମ ଶିକ୍ଷକ ଭାବରେ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ବେଳେ ତାଙ୍କର ଶିକ୍ଷାଦାନ ପଦ୍ଧତି ମଧ୍ୟ ଅତି ସରଳ ଓ ଉଚ୍ଚକୋଟିର। କେତେବେଳେ ସେ ଛାତ୍ରଛାତ୍ରୀଙ୍କୁ ଗୀତ ମାଧ୍ୟମରେ ପଣିକିଆ ପଢ଼ାନ୍ତି ତ ଆଉ କେତେବେଳେ ନାଚି ନାଚି ପାଠ ପଢ଼ାଉଥିବାରୁ ଛାତ୍ରଛାତ୍ରୀ ତାଙ୍କ ପାଖରୁ ପଢ଼ିବାକୁ ଆଗ୍ରହ ଦେଖାନ୍ତି। କେବଳ ସେତିକି ନୁହଁ କଡ଼ିପାରି ବିଦ୍ୟାଳୟରେ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ରହିଛି। ବେଳେବେଳେ ଶିକ୍ଷକ ଜଣକ ଛାତ୍ରାବାସରେ ରହୁଥିବା ଛାତ୍ରଙ୍କ ମଧ୍ୟ ଦାୟିତ୍ୱ ନେଇ ବେଶ୍ ସୁରୁଖୁରୁରେ ପରିଚାଳନା କରୁଛନ୍ତି। ଯେଉଁ କାମକୁ ସୁସ୍ଥ ସବଳ ଶିକ୍ଷକ କରିପାରୁନାହାନ୍ତି ସେହି କାମକୁ ଦିବ୍ୟାଙ୍ଗ ହୋଇ ସୁଦ୍ଧା ନାସରା ସହଜରେ କରିପାରୁଛନ୍ତି।

## ସାମନ୍ତିଆପଲ୍ଲୀ ବନାଞ୍ଚଳରେ ବାଘ ଆତଙ୍କ

ପାତ୍ରପୁର, ୨୨।୩(ସମିସ): ସାମନ୍ତିଆପଲ୍ଲୀ ବନାଞ୍ଚଳରେ ବାଘ ଆତଙ୍କ। ଶନିବାର ସନ୍ଧ୍ୟାରେ ବରଙ୍ଗ ପଞ୍ଚାୟତ ଲଙ୍କା ଗ୍ରାମର କିଛି ଯୁବକ ଲଙ୍କା ସୁନାଖଲା ନିକଟ ଏକ ପାହାଡ଼ ଉପରେ ବାଘ ଦେଖିଥିବା ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଅନୁଧ୍ୟାନ କରିଥିଲେ ବି ଅଞ୍ଚଳରେ କୌଣସି ପ୍ରକାର ଚିହ୍ନ ପାଇ ନଥିବାରୁ କିଛି ସ୍ପଷ୍ଟ ଜଣାପଡ଼ିନଥିବା ବିଭାଗ ସୂଚନା ଦେଇଛି। ଘଟଣାସ୍ଥଳ ଏବଂ ଆଖପାଖ ଅଞ୍ଚଳରେ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିବା ସୂଚନା ମିଳିଛି।

## ବିଦ୍ୟାଳୟରେ କଣ୍ଢେଇ ଦିବସ



ପାରଳାଖେମୁଣ୍ଡି, ୨୨।୩(ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଦିନ କଣ୍ଢେଇ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କଣ୍ଢେଇ ପ୍ରଦର୍ଶନୀ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଶତାଧିକ ଅଭିଭାବକ ଅଂଶଗ୍ରହଣ କରିବା ସହ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ମୋବାଇଲ୍ ଏବଂ କାର୍ଟୁନ୍‌ର ଏହି ଯୁଗରେ ପିଲାମାନଙ୍କ ମଧ୍ୟରେ କଣ୍ଢେଇ ପ୍ରତି କମିଯାଉଥିବା ରୁଚିକୁ ପୁର୍ନଜାଗରଣ କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। କାର୍ଯ୍ୟକ୍ରମ ଶିଶୁ ବାଟିକା ପ୍ରମୁଖ ମମତା ମହାପାତ୍ର ନେତୃତ୍ୱରେ ହୋଇଥିବା ବେଳେ ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା।

## ନାବାଳିକାକୁ ଅପହରଣ ପରେ ବଳାତ୍କାର ଅଭିଯୋଗ

ବାଲିଗୁଡା, ୨୨।୩(ସମିସ): କୋଟଗଡ଼ ଥାନାରେ ଜଣେ ନାବାଳିକାକୁ ଅପହରଣ ପରେ ବଳାତ୍କାର ନେଇ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁସାରେ ନାବାଳିକା ଏବଂ ଦାଶରଥି କନ୍ଦ୍ରାସେଟ ଗତ ମାର୍ଚ୍ଚ ୧୮ ତାରିଖରେ କେଉଁଆଡେ ଚାଲିଯାଇଥିବା ନେଇ କୋଟଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଫୁଲବାଣୀର ଏକ ଲଜ୍‌ରୁ ଗତକାଲି ଉଭୟଙ୍କୁ ଧରିବାରେ ସଫଳ ହୋଇଥିଲା। ତେବେ ପୀଡ଼ିତାର ପରିବାର ବର୍ଗଙ୍କ ଅପହରଣ ପରେ ବଳାତ୍କାର ଅଭିଯୋଗ କ୍ରମେ ପୋକ୍‌ସୋ ଆଇନ ଅନୁଯାୟୀ ଦାଶରଥି କନ୍ଦ୍ରାସେଟକୁ ଗିରଫ କରି ଡାକ୍ତରମାଇନା ପରେ କୋର୍ଟ ପଠାଯାଇଥିବା ଜଣାଯାଇଛି।

## ଗଜପତି ସାଗର ପୁନରୁଦ୍ଧାର ପୂର୍ବରୁ ବିଧାୟକଙ୍କ ଅନୁଧ୍ୟାନ

ପାରଳାଖେମୁଣ୍ଡି, ୨୨।୩(ସମିସ): ଗୋଷାଣି ବ୍ଲକରେ ଥିବା ଗଜପତି ସାଗରର ପୁନରୁଦ୍ଧାର କାର୍ଯ୍ୟ ପୂର୍ବରୁ ଆଜି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଅନୁଧ୍ୟାନ କରିଛନ୍ତି। ଗଜପତି ସାଗରକୁ କେନ୍ଦୁଗୁଡ଼ା ଡ୍ୟାମ ଭଳି ନିର୍ମାଣ କରିବା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ବିଧାୟକ କହିଛନ୍ତି। ଗଜପତି ସାଗର ପୁନରୁଦ୍ଧାର ହେଲେ ସାରା ଗଜପତି ଜିଲ୍ଲାରେ ପିଇବା ପାଣି ଠାରୁ ଆରମ୍ଭ କରି ଚାଷଜମିକୁ ଜଳସେଚନରେ ଅସୁବିଧା ହେବନାହିଁ। ଗଜପତି ଜିଲ୍ଲା ଲୋକେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଗୋଷାଣି ବ୍ଲକରେ ଧାନ ଚାଷ ହିଁ ମୁଖ୍ୟ ଚାଷ। ଏଠାରେ ଶିଳ୍ପ କାରଖାନା ନାହିଁ। ଚାଷ ଉପରେ ନିର୍ଭର କରି ଅନେକ ପରିବାର ଚଳନ୍ତି। ଆଜି ବିଧାୟକ ଗଜପତି ସାଗର ଅନୁଧ୍ୟାନ କରିବା



ସଙ୍ଗେ ସଙ୍ଗେ, ରାଜ୍ୟ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ସାଗର ମହାନ୍ତିଙ୍କୁ ଫୋନ୍‌ରେ ଜଣାଇବା ସହ ତୁରନ୍ତ ଗଜପତି ଜିଲ୍ଲା ଗସ୍ତ କରି ଗଜପତି ସାଗର ଅନୁଧ୍ୟାନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ବିଷୟରେ ବିଧାୟକ ସରକାରଙ୍କୁ ଅବଗତ କରିବା ସହ ବିଧାନସଭାରେ ଉପସ୍ଥାପନା କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଟେଲରିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଲିଗୁଡା, ୨୨।୩(ସମିସ): ଯୁବ ଦକ୍ଷତା ବିକାଶ କେନ୍ଦ୍ର ତୁମୁଡିବନ୍ଧ କେନ୍ଦ୍ରରେ, ଭିଆରଓ ଇଣ୍ଡିଆ ତରଫରୁ ରବିବାର ଦିନ ଟେଲରିଂ ପ୍ରଶିକ୍ଷଣ ଉଦଯାପନ ଉତ୍ସବ ହୋଇଥିଲା। ଏହି ଉତ୍ସବରେ ଅତିଥିଙ୍କ ସହିତ ଗ୍ରାମୀଣ ଯୁବତୀ ଓ ମହିଳା ଉପସ୍ଥିତ ଥିଲେ। ଭିଆରଓ ଇଣ୍ଡିଆ ଦ୍ୱାରା ଆୟୋଜିତ ୯ ମାସର ସିଲାଇ ଓ ଡିଜାଇନ୍ ଟେଲରିଂ ପ୍ରଶିକ୍ଷଣର ଉଦଯାପନୀ ଉତ୍ସବରେ ସହନିର୍ଦ୍ଦେଶକ ଡ଼ା. ନିର୍ମଳା, ସହାୟକ ପ୍ରକଳ୍ପ ପ୍ରବନ୍ଧକ ଜର୍ଜ ଆନ୍ଥୋନୀ ଏବଂ ଓଡ଼ିଶାର କ୍ଷେତ୍ର ନିର୍ଦ୍ଦେଶକ ହେନ୍ରି ଆଲବର୍ଟ, କ୍ଷେତ୍ର ସମନ୍ୱୟକର୍ତ୍ତା ଓ ଦକ୍ଷତାପ୍ରାପ୍ତ ପ୍ରଶିକ୍ଷକଙ୍କ ସହିତ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ଅତିଥିମାନେ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ଦେଇ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଭିଆରଓ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭେଲାନଗାନି ରାଜୁ ଓ ସମସ୍ତ ପ୍ରବନ୍ଧନ, ଦାତା ଏବଂ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟ ଭାଇସଚାନ୍ସଲର ଡ଼.କେ.ଏସ କାଶ୍ମୀରାଙ୍କ ସହ ସମସ୍ତ ଶିକ୍ଷକମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଙ୍କ ଭିଡ଼ିଓ ଭାଇରାଲ ଅଭିଯୋଗରେ ଦୁଇ ଗିରଫ

ଗୋଷାଣି, ୨୨।୩(ସମିସ): ଗୋଷାଣି ବ୍ଲକ ଆର. ସୀତାପୁର ନିକଟସ୍ଥ ଏକ ଘରୋଇ ଶିକ୍ଷାନୁଷ୍ଠାନର ଜନୈକା ଛାତ୍ରୀଙ୍କ ଭିଡ଼ିଓକୁ ଭାଇରାଲ୍ କରି ବ୍ଲାକମେଲ କରିବା ଅଭିଯୋଗରେ ଗୁରାଣ୍ଡି ଥାନା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ପ୍ରେମିକ ଓ ତାର ଦୁଇ ସହଯୋଗୀଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଘଟଣାଟି ୬ମାସ ପୂର୍ବର ହୋଇଥିବା ବେଳେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ୩ ଜଣ ଛାତ୍ରବନ୍ଧୁ ଏକାଠି ହେବା ଆଳରେ ଉକ୍ତ ଛାତ୍ରୀଙ୍କୁ ନିକଟସ୍ଥ ଏକ ଦୋକାନକୁ ଡାକି କଥାବାର୍ତ୍ତା ହେଉଥିବା ବେଳେ ଥଣ୍ଡାପାନୀୟରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ପରେ ଛାତ୍ରୀଙ୍କୁ ଉକ୍ତ ୩ ଜଣ ଛାତ୍ର କୌଣସି ଏକ ଗୁପ୍ତସ୍ଥାନକୁ ନେଇ ଅସଦାଚରଣ କରିବା ସହ ଭିଡ଼ିଓ ଉତ୍ତୋଳନ କରିଥିଲେ। ପରେ ଉକ୍ତ ଭିଡିଓ ଦେଖାଇ ପୀଡ଼ିତାଙ୍କୁ ବ୍ଲାକମେଲ କରିବା ପରେ ବାଧ୍ୟହୋଇ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତା ପଶ୍ଚିମବଙ୍ଗର ହୋଇଥିବା ବେଳେ ସେ ନିଜ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ରାୟଗଡ଼ା, ଜଣେ ଗଜପତିର ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ତଥା ପୀଡ଼ିତାଙ୍କ ପ୍ରେମିକ କୁହାଯାଉଥିବା ଯୁବକ ଫେରାର ଅଛି। ଗୁରାଣ୍ଡି ଥାନା ଅଧିକାରୀ ବସନ୍ତ ସେଠୀଙ୍କ ସୂଚନା ଅନୁସାରେ ଏହି ମାମଲାର ବର୍ତ୍ତମାନ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଗିରିଫ ଦୁଇ ଜଣଙ୍କ ଠାରୁ ୨ଟି ମୋବାଇଲ ଜବତ କରାଯାଇଛି। ଫେରାର ଅଭିଯୁକ୍ତକୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ସେଠୀ କହିଛନ୍ତି।

## 'ଓଡ଼ିଆ ସାହିତ୍ୟର ସ୍ୱରୋଦୟ' ପ୍ରବନ୍ଧ ସଂକଳନ ଲୋକାର୍ପିତ



ପାରଳାଖେମୁଣ୍ଡି, ୨୨।୩(ସମିସ): ବିଶିଷ୍ଟ ସାହିତ୍ୟିକ ଆଶାଲତା ପାଣିଗ୍ରାହୀଙ୍କ 'ଓଡିଆ ସାହିତ୍ୟର ସ୍ୱରୋଦୟ' ପ୍ରବନ୍ଧ ସଂକଳନ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସିଦ୍ଧାନ୍ତ ଆନୁକୂଲ୍ୟରେ ଉତ୍କଳ ହିତୈଷିଣୀ ସଭାଗୃହରେ ଆୟୋଜିତ ଏକ ସାରସ୍ୱତ ସମାରୋହରେ ଲୋକାର୍ପଣ କରାଯାଇଛି। ବାଙ୍କୀର କବି କେଶରୀ ନବକିଶୋର ମହାରଣାଙ୍କୁ ଏହି ଅବସରରେ ସିଦ୍ଧାନ୍ତ ସମ୍ମାନ ପ୍ରଦାନ କରାଯିବା ସହ ସେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ବାଣୀଭଣ୍ଡାରକୁ ପାରଳାର ଅବଦାନର ଭୂୟଶୀ ପ୍ରଶଂସା କରିଥିଲେ। ଡ.ଅନ୍ନପୂର୍ଣ୍ଣା ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ଅଧ୍ୟାପକ ଡ. ହୃଷୀକେଶ ପଣ୍ଡା ଓ ଅଧ୍ୟାପକ ଡ. ବିପ୍ଳବ ରଞ୍ଜନ ପ୍ରଧାନ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ପୁସ୍ତକର ରଚୟିତା ଆଶାଲତା ପାଣିଗ୍ରାହୀ ଓ ଡ. କଲ୍ୟାଣୀ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସିଦ୍ଧାନ୍ତର ପ୍ରତିଷ୍ଠାତା ସମ୍ପାଦକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷାବିତ ଅମୂଲ୍ୟ ପାଣିଗ୍ରାହୀ ସଂଯୋଜନା କରିଥିଲେ। ବବିତା ପୁରୋହିତ, ସରୋଜ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ରଥ, ସ୍ନିଗ୍ଧା ମିଶ୍ର, ତ୍ରିପତି ପ୍ରସାଦ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନାଦି ପାଣିଗ୍ରାହୀ, ଅମ୍ରିତ ପାଣିଗ୍ରାହୀ, ମୁରଲୀଧର ପରିଚ୍ଛା, ବିଷ୍ଣୁଚରଣ ପଣ୍ଡା, ଅକ୍ଷୟ ପାଣିଗ୍ରାହୀ, ଅଶ୍ୱିନୀ କୁମାର ପାଢ଼ୀ, ଭାଗବତ ପାଢ଼ୀ, ସ୍ନେହା ବେହେରାଙ୍କ ସମେତ ସହରର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶେଷରେ ଓଡ଼ିଶୀ ଓ କୁଚୁପୁଡି ନୃତ୍ୟ ପରିବେଷଣ କରାଯାଇଥିଲା।

## ଗିରି ଝରଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଫିରିଙ୍ଗିଆ, ୨୨।୩(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ାର ଏକ ମାତ୍ର ସାହିତ୍ୟସଂସଦ ଗିରି ଝରଣା ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡିର ବିଦେଶୀ ନାୟକ, ବର୍ଣ୍ଣାଳି ସାହିତ୍ୟ ସଂସଦର ପ୍ରତିଷ୍ଠାତା ପଞ୍ଚୁଦେବ ପ୍ରଧାନ, ବରିଷ୍ଠ ସଂକୀର୍ତ୍ତନ ଗୁରୁ ହୁରଞ୍ଜନ୍ ସେଠୀ ଯୋଗ ଦେଇଥିଲେ। ସାହିତ୍ୟ ସଂସଦ ସଭପତି ମୋହନ ଦିଗାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ସଂସାର ସାହୁ ଅତିଥି ପରିଚୟ ଦେବା ସହ ମଞ୍ଚ ପରି ଚାଳନା କରିଥିଲେ। ସମ୍ପାଦକ ନାଭିଦାତ୍ୟ ଦିଗାଲ ମୋହନ ଦିଗାଲଙ୍କ ଲେଖା 'ଚକାଡୋଳାରୁ ଶ୍ରୀ ଜଗନ୍ନାଥ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦାରିଙ୍ଗିବାଡିରୁ ବିଦେଶୀ ନାୟକ, କୋଟଗଡ଼ରୁ ପୁଷ୍ପାଞ୍ଜଳି ଦିଗାଲ, ତୁମୁଡ଼ିବନ୍ଧରୁ ବନିତା ପଟ୍ଟନାୟକ ଯୋଗଦେଇ ଥିବା ବେଳେ, ପ୍ରମିଳା କୁମାରୀ କହଁରଙ୍କ ସମେତ ଗିରି ଝରଣା ସାହିତ୍ୟ ସଂସଦର ସମସ୍ତ କବି ଓ କବୟିତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ। ଉପସଭାନେତ୍ରୀ ପ୍ରେମଲତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। କବୟିତ୍ରୀ ନିଲକାନ୍ତି ସାହୁ କବିତା ସଂଯୋଜନା କରିଥିଲେ।

## ବିଜେପିର ମିଶ୍ରଣ ପର୍ବ

ପାରଳାଖେମୁଣ୍ଡି, ୨୨।୩(ସମିସ): ପାରଳାଖେମୁଣ୍ଡିସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ବିଜେପିର ନିର୍ବାଚନମଣ୍ଡଳୀସ୍ତରୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଉପସ୍ଥିତିରେ ରାଜ୍ୟ ଉପସଭାପତି କେ.ନାରାୟଣ ରାଓଙ୍କ ନେତୃତ୍ୱରେ ଗୋଷାଣି ଓ କାଶୀନଗର ବ୍ଲକ ଅଞ୍ଚଳର ଶତାଧିକ ଅନ୍ୟଦଳର ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ସଭାପତି ନବ କିଶୋର ଶବର, ସିଏଚ୍ ସୀମାଦ୍ରି, ପ୍ରଶାନ୍ତ ମଲିକଙ୍କ ସମେତ ବିଜେପିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## 'ଘର ହିଁ ବିଦ୍ୟାଳୟ' ଓ କଣ୍ଢେଇ ଦିବସ



ଜି.ଉଦୟଗିରି, ୨୨।୩(ସମିସ): ଜି.ଉଦୟଗିରି ସରସ୍ୱତୀ ଶିଶୁ ମନ୍ଦିରରେ ଘରହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଓ କଣ୍ଢେଇ ଦିବସ ପାଳିତ ହୋଇଥିଲା। ବିଦ୍ୟାଳୟ ସଭାପତି ବିନୋଦ ବିହାରୀ ଦାଶ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଫୁଲବାଣୀ ସଂକୁଳ ପ୍ରମୁଖ ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବଟିକାର ବରିଷ୍ଠ ଆଚାର୍ଯ୍ୟା ଅନିତା ରାଣୀ ପଟ୍ଟନାୟକ କଣ୍ଢେଇ ମେଳା ସମ୍ପର୍କରେ କହଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର କୋଷାଧ୍ୟକ୍ଷ ଗୋଲକ ବିହାରୀ ପଟ୍ଟନାୟକ ଘର ହିଁ ବାସ୍ତବିକ ବିଦ୍ୟାଳୟ ଉପରେ ମତଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ରଖିଥିଲେ। ବରିଷ୍ଠା ଆଚାର୍ଯ୍ୟା ରଶ୍ମିତା ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଖେଲୋ ମାଷ୍ଟର୍ସ ଗେମ୍‌ରେ କିଶୋରଚନ୍ଦ୍ରଙ୍କୁ ୨ ପଦକ

ପାରଳାଖେମୁଣ୍ଡି, ୨୨।୩ (ସମିସ): ପାରଳାଖେମୁଣ୍ଡିର ଭେଟେରାନ୍ ଖେଳାଳି କିଶୋର ଚନ୍ଦ୍ର ରଥ ପରିଣତ ବୟସରେ ମଧ୍ୟ ଖେଳକୁଦରେ ପଦକ ହାସଲ କରିଚାଲିଛନ୍ତି। ତିନିଦିନ ଧରି ଚଣ୍ଡିଗଡ଼ରେ ୫ମ ଖେଲୋ ମାଷ୍ଟର୍ସ ଗେମ୍ ଚାଲିଥିବା ବେଳେ ରବିବାର ଉଦଯାପିତ ହୋଇଛି। ଏଥିରେ ଦେଶର ୨୨୬୮ ଜଣ ମାଷ୍ଟର୍ସ ଖେଳାଳି ଭାଗ ନେଇଥିବା ବେଳେ ଓଡ଼ିଶାରୁ ୧୬ ଜଣ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଗଜପତିର କିଶୋର ଚନ୍ଦ୍ର ରଥ ୧୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଏବଂ ଟ୍ରିପଲ ଜମ୍ପରେ ତୃତୀୟ ସ୍ଥାନ ହାସଲ କରି କାଂସ୍ୟ ପଦକ ହାସଲ କରିଥିବା ସୂଚନା ମିଳିଛି। ଶ୍ରୀ ରଥ ଗେମ୍‌ରେ କେବଳ ପଦକ ହାସଲ କରି ଜାପାନରେ ହେବାକୁ ଥିବା ୱାର୍ଲଡ ମାଷ୍ଟର୍ସ ଗେମ୍ସରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏପରି କୃତୀତ୍ୱ ଖବର ଗଜପତିରେ ପହଞ୍ଚିବା ପରେ ଜିଲ୍ଲାର ବିଭିନ୍ନ ମହଲରୁ ଶ୍ରୀ ରଥଙ୍କୁ ଶୁଭେଚ୍ଛା ଜଣାଯାଇଛି।




## ପରିତ୍ୟକ୍ତ ଅବସ୍ଥାରେ ଗେରୁପଡ଼ା ଯାତ୍ରୀ ବିଶ୍ରାମାଗାର

ଫିରିଙ୍ଗିଆ, ୨୨।୩(ସମିସ)

ଫିରିଙ୍ଗିଆ ବ୍ଲକ କେଲାପଡ଼ା ପଞ୍ଚାୟତ ଗେରୁପଡ଼ା ଗାଁ ମୁଖ୍ୟରାସ୍ତା ବଜାର ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଭଙ୍ଗା ଦଦାର ହୋଇ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏବେ ଏହା ଯାତ୍ରୀଙ୍କ କାମରେ ଲାଗୁନି। ଦୈନିକ ଏହି ଯାତ୍ରୀ ବିଶ୍ରାମାଗାର ଉପରେ ନିର୍ଭର କରି ବିଭିନ୍ନ ଜାଗାକୁ ବସ୍‌ରେ ଯିବା ଆସିବା କରିବା ବେଳେ ବିଶ୍ରାମ କରିବା ଏବଂ ବସକୁ ଅପେକ୍ଷା କରିବାକୁ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସରେ ଯିବା ଆସିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଯାତ୍ରୀଙ୍କ ପାଇଁ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ଏହି ଯାତ୍ରୀ ବିଶ୍ରାମାଗାରେ ଯାତ୍ରୀ ଯାତ୍ରା ବେଳେ ଖରା ବର୍ଷାରୁ ରକ୍ଷା ପାଇପାରୁଥିଲେ। କିନ୍ତୁ



ବର୍ତ୍ତମାନ ତାହା ପୁରୁଣା ହୋଇଯାଇଥିବା ବେଳେ ଆଜବେଷ୍ଟସ ଛାତ ଭାଙ୍ଗି ଯାଇଛି। କାନ୍ଥ ମଧ୍ୟ ନଷ୍ଟ ହୋଇଗଲାଣି। ରାସ୍ତା ନିର୍ମାଣ ପରେ ଏହି ବିଶ୍ରାମ ଗୃହରେ ଚାରିଆଡ଼େ ବର୍ଷା ପାଣି ପଶି ଜମି ରହୁଛି। ଯାହାଦ୍ୱାରା ବର୍ଷା ଦିନେ କାମରେ ଲାଗୁନି କି ଖରା ଦିନ ମଧ୍ୟ କାମରେ ଲାଗି ପାରୁନି। ଗେରୁପଡ଼ା ଅଞ୍ଚଳର ପ୍ରାୟ ୫/୬ ଗାଁର ଦୈନିକ ବସରେ ଯିବାଆସିବା କରୁଥିବା ଯାତ୍ରୀ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଭଙ୍ଗା ଯାତ୍ରୀ ବିଶ୍ରାମାଗାରକୁ

**● କାମରେ ଲାଗୁନି, ଯାତ୍ରୀ ହନ୍ତସନ୍ତ**

**● ନୂତନ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ଦାବି**

ଭାଙ୍ଗି ଜନସାଧାରଣଙ୍କ ହିତ ଓ ଅସୁବିଧାକୁ ଦୃଷ୍ଟି ଦେଇ ପ୍ରଶାସନ ତରଫରୁ ଏକ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ଗେରୁପଡ଼ା ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

